# ଟ୍ୱିନ୍‌ସିଟିକୁ କରୋନା ରୋଗୀ ସ୍ଥାନାନ୍ତର ମନା

**ଭୁବନେଶ୍ୱର,୧୪।୯/ଏନ୍‌ଏନ୍‌ଏସ୍:**

କରୋନା ଲାଗି ରାଜ୍ୟ ସରକାର ଭର୍ଚୁଆଲ୍ ଆଇସିୟୁକୁ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟରେ ଖୁବ୍‌ଶୀଘ୍ର ଭର୍ଚୁଆଲ ଆଇସିୟୁ ସେବା ଆରମ୍ଭ ହେବ । ଏଣିକି ଦୁର୍ଗମ ଅଞ୍ଚଳରେ କରୋନା ରୋଗୀଙ୍କୁ ଆପ୍ ମାଧମରେ ବିଶେଷଜ୍ଞ ପରାମର୍ଶ ଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ, ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମ୍ୟୁନିସିପାଲ୍ କମିଶନରଙ୍କୁ ଚିଠି ଲେଖିଛନ୍ତି ।

ମଙ୍ଗଳବାର ଦେଇଥିବା ଚିଠିରେ ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି ଯେ ସାଧାରଣତଃ କୌଣସି ରୋଗୀ କୋଭିଡ୍ ସଂକ୍ରମଣରେ ଅଧିକ ସମ୍ବେଦନଶୀଳ ସ୍ଥିତିକୁ ଚାଲି ଆସିଲେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସଂପୃକ୍ତ ରୋଗୀଙ୍କୁ ଭୁବନେଶ୍ୱର ଓ କଟକ ଡାକ୍ତରଖାନାକୁ ରେଫର୍ କରୁଛନ୍ତି । ଆଗାମୀ ଦିନରେ ଏଭଳି ନକରି ଜିଲ୍ଲାରେ ଆଇସିୟୁ ସୁବିଧାକୁ ସୁଦୃଢ଼ କରି ଜିଲ୍ଲାର ସମସ୍ତ ରୋଗୀଙ୍କ ଚିକିତ୍ସା କରିବା ପାଇଁ ସେ କହିଛନ୍ତି । ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାସ୍ତରୀୟ ହସ୍ପିଟାଲ୍‌ରେ ଚିକିତ୍ସା କରିବାକୁ ପରାମର୍ଶ ଦେଇଛନ୍ତି । ଅତ୍ୟାବଶ୍ୟକ ନହେଲେ କୋଭିଡ୍ ରୋଗୀଙ୍କୁ ଭୁବନେଶ୍ୱର କିମ୍ବା କଟକ ପଠାନଯାଉ । ରାଜ୍ୟ ସରକାର କୋଭିଡ ଚିକିତ୍ସାକୁ ଆହୁରି ସୁଦୃଢ଼ କରିବା ପାଇଁ ଚିନ୍ତା କରିଛନ୍ତି । ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାରେ ଥିବା ଆଇସିୟୁ ଅଥବା ଏଚ୍‌ଡିୟୁରେ ଚିକିତ୍ସା କରାଯାଇପାରିବ । ଏଥିଲାଗି ତୃଣମୂଳସ୍ତରରେ ତାଲିମ ବ୍ୟବସ୍ଥାକୁ ମଜଭୁତ କରିବାକୁ ପଡ଼ିବ ।

▶▶ ୭